

# ଭୁବନେଶ୍ୱର ସିଟି

## ଭେନେଜୁଏଲା ଉପରେ ଆମେରିକାର ଆକ୍ରମଣ

# ପ୍ରତିବାଦରେ ସିପିଆଇର ବିକ୍ଷୋଭ

ଭୁବନେଶ୍ୱର, ୪ ।୧(ସମିସ): ଭେନେଜୁଏଲା ବିରୋଧରେ ଆମେରିକାର ଆକ୍ରମଣ ଏବଂ ରାଷ୍ଟ୍ରପତି ନିକୋଲାସ୍ ମାଦୁରୋ ଓ ତାଙ୍କର ସହଧର୍ମିଣୀ ସିଲିଆ ଫ୍ଲୋରେସଙ୍କୁ ଅପହରଣ କରାଯାଇଥିବା ଘଟଣାକୁ କଟୁ ସମାଲୋଚନା ସହ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ରବିବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଆମେରିକାର ଏହି ଅନୁପ୍ରବେଶ ଏବଂ ଏକ ସ୍ୱାଧୀନ ଓ ସାର୍ବଭୌମ ରାଷ୍ଟ୍ର ବିରୋଧରେ ହୋଇଥିବା ଆକ୍ରମଣ, ଯାହା ଜାତିସଂଘ ସମ୍ବିଧାନର ଖୋଲାଖୋଲି ଉଲ୍ଲଂଘନ ବୋଲି ସିପିଆଇ ପକ୍ଷରୁ କୁହାଯାଇଛି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କ ଭାଷଣରେ ଭେନେଜୁଏଲାର ତୈଳ ସମ୍ପଦକୁ ଦଖଲ କରିବା କଥା କହି, ଏହି ଆକ୍ରମଣ ପଛରେ ଥିବା ଅସଲ ଉଦ୍ଦେଶ୍ୟକୁ ସ୍ପଷ୍ଟ କରିଦେଇଛନ୍ତି। ଭେନେଜୁଏଲାର ରାଷ୍ଟ୍ରପତି ନିକୋଲାସ ମୋଦୁରୋ, ତାଙ୍କ ପତ୍ନୀ ସିଲିଆ ଫ୍ଲୋରେସଙ୍କୁ ଅବିଳମ୍ବେ ମୁକ୍ତ କରିବା, ଭେନେଜୁଏଲାରେ ନିଜର କାଠପୁତଳିକୁ କ୍ଷମତାରେ ବସାଇ ତୈଳ ସମ୍ପଦ ଲୁଣ୍ଠନର ହୀନ ପ୍ରୟାସ ବନ୍ଦ କରିବାକୁ ସିପିଆଇ ଦାବି କରିଛି। ଆମେରିକା କ୍ୟୁବା ଉପରେ ଅର୍ଥନୈତିକ ବାସନ୍ଦ, ଇରାନ ଉପରେ ଆକ୍ରମଣର ଧମକ ଓ ଭାରତ ଉପରେ ଟାରିଫ୍ ବୋଝ ଲଦି ଦେବା ଘଟଣାକୁ ନିନ୍ଦା କରାଯାଇଛି। ଭାରତ ସରକାର ବିଶ୍ୱର ବିଭିନ୍ନ ଦେଶଙ୍କ ସହ ଐକ୍ୟବଦ୍ଧ ହୋଇ ଆମେରିକାର ଆକ୍ରମଣକୁ ନିନ୍ଦା କରିବା ସହିତ ଭେନେଜୁଏଲାର ସପକ୍ଷରେ ଦୃଢ଼ ଭାବେ ଠିଆ ହେବା ପାଇଁ ବିକ୍ଷୋଭରେ ସିପିଆଇ ରାଜ୍ୟ ସମ୍ପାଦକ ଡ. ପ୍ରଶାନ୍ତ କୁମାର ମିଶ୍ର ଆହ୍ୱାନ ଦେଇଛନ୍ତି। ଏହି ବିକ୍ଷୋଭରେ ସହସମ୍ପାଦକ ଜୟନ୍ତ ଦାସ, ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ସୁର ଜେନା, ଏଆଇଏସ୍‌ଏଫ୍ ରାଜ୍ୟ ସଭାପତି ସଂଘମିତ୍ରା ଜେନା, ଭୁବନେଶ୍ୱର ଅଞ୍ଚଳ ସମ୍ପାଦକ କୈଳାସ ପୁହାଣ, ରାଜ୍ୟ ପରିଷଦ ସଦସ୍ୟ ତଥା ରାଉରକେଲା ବାର ଆସୋସିଏସନ୍ ସଭାପତି ସଦାନନ୍ଦ ସାହୁ, ଏଆଇଟିୟୁସି ନେତା ଶଙ୍କର ବେହେରା, ପଞ୍ଚାନନ ସାହୁ, ଛେତମ୍ବର ଭୋଇ, ଭଗବାନ ସାହୁ ପ୍ରମୁଖ ଏହି ବିକ୍ଷୋଭର ନେତୃତ୍ୱ ନେଇଥିଲେ।




### ସିପିଆଇ(ଏମ୍‌ଏଲ୍) ଲିବରେସନ ତୀବ୍ର ନିନ୍ଦା

ସାମ୍ରାଜ୍ୟବାଦୀ ଆମେରିକା ଭେନଜୁଏଲା ଉପରେ ବଡ଼ ଧରଣର ଆକ୍ରମଣ କରି ଏହାର ରାଷ୍ଟ୍ରପତି ନିକୋଲାସ ମାଦୁଗୋଙ୍କୁ ବନ୍ଦୀ କରିବା ଘଟଣାକୁ ସିପିଆଇ (ଏମ୍‌ଏଇ) ଲିବରେସନ ତୀବ୍ର ନିନ୍ଦା କରିଛି। ଗୋଟିଏ ଦେଶର ନିରୀହ ଜନଗଣଙ୍କ ଉପରେ ବୋମା ପକାଇବା, ରାତି ଅଧରେ ଜଣେ ରାଷ୍ଟ୍ରମୁଖ୍ୟ ଓ ତାଙ୍କ ପତ୍ନୀଙ୍କୁ ବଳପୂର୍ବକ ବନ୍ଦୀ କରିବା ଘଟଣାକୁ ସାରା ବିଶ୍ୱ ଦୃଢ଼ ବିରୋଧ କରିବା ଉଚିତ୍। ମିଥ୍ୟା ଅଭିଯୋଗ ଆଣି ଯେଉଁଭଳି ଇରାକ ରାଷ୍ଟ୍ରପତିଙ୍କୁ ଆମେରିକା ହତ୍ୟା କରିଥିଲା ଠିକ୍ ସେହିଭଳି ଭେନେଜୁଏଲା ଘଟଣା ଘଟିଛି। ଟ୍ରମ୍ପଙ୍କର ଏଭଳି ଏକଛତ୍ରବାଦୀ, ଅଗଣତାନ୍ତ୍ରିକ ପଦକ୍ଷେପ ସାରା ବିଶ୍ୱର ସାଧାରଣ ମଣିଷ, ଗଣତନ୍ତ୍ର ପ୍ରତି ଚରମ ଉପହାସ। ସାରା ବିଶ୍ୱ, ମିଳିତ ଜାତିସଂଘ ଏହା ବିରୋଧରେ ଦୃଢ଼ ପଦକ୍ଷେପ ନେବା ସଙ୍ଗେ ସଙ୍ଗେ ସମସ୍ତ ରାଜନୈତିକ ଦଳ, ବ୍ୟକ୍ତିବିଶେଷ, ବିଶେଷକରି ବାମ ଗଣତାନ୍ତ୍ରିକ ଦଳମାନେ ମିଳିତ ଭାବେ ଏହାର ପ୍ରତିବାଦ କରିବାକୁ ସିପିଆଇ (ଏମ୍‌ଏଲ୍) ଲିବରେସନ ଆହ୍ୱାନ କରିଛି।

## ପ୍ରଭା ଟ୍ରଷ୍ଟ ପକ୍ଷରୁ ରାଜ୍ୟସ୍ତରୀୟ ଆର୍ଟ ପ୍ରତିଯୋଗିତା

ଭୁବନେଶ୍ୱର,୪।୧(ସମିସ): ଦୈନିକ ଖବରକାଗଜ 'ସୂର୍ଯ୍ୟପ୍ରଭା' ଓ ପ୍ରଭା ଟ୍ରଷ୍ଟ ପକ୍ଷରୁ ରାଜ୍ୟସ୍ତରୀୟ ଆର୍ଟ ପ୍ରତିଯୋଗିତା ଆୟୋଜିତ ହୋଇଛି। ଇନ୍ଦିରା ଗାନ୍ଧୀ ପାର୍କରେ ଆୟୋଜିତ ଏହି ପ୍ରତିଯୋଗିତାରେ ଦିବ୍ୟାଙ୍ଗ ଓ ସାଧାରଣ ବର୍ଗର ଦୁଇ ହଜାରରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ, ଏକାମ୍ର ବିଧାୟକ ବାବୁ ସିଂ, ବିଧାୟକ ସୁଶାନ୍ତ ରାଉତ, ବିଧାୟକ ଦୁଷ୍ମନ୍ତ ସ୍ୱାଇଁ, ବରିଷ୍ଠ ବିଜେଡି ନେତା ଶଶୀଭୂଷଣ ସାହୁ, ସିନେ ତାରକା ବବି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



ପ୍ରଭା ଟ୍ରଷ୍ଟର ମୁଖ୍ୟ ବିକାଶ ସ୍ୱାଇଁ ସ୍ୱାଗତ ଅଭିଭାଷଣ ଦେଇଥିଲେ। 'ସୂର୍ଯ୍ୟପ୍ରଭା'ର ପରିଚାଳନା ସମ୍ପାଦକ ରାମଚଣ୍ଡୀ ପ୍ରସାଦ ରଣସିଂହ, ବରିଷ୍ଠ ସହ ସମ୍ପାଦକ ବିଜୟ ଖୁଣ୍ଟିଆ, ରବି ରଥ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଇଆଇଏମ୍ ଲକ୍ଷ୍ନୌର ପ୍ରଫେସର ସତ୍ୟଭୂଷଣ ଦାସ, ଏନ୍‌ଟିପିସିର ପୂର୍ବତନ ନିର୍ଦ୍ଦେଶକ କୁଳମଣି ବିଶ୍ୱାଳ, ବିଚାରପତି ଭାବେ ଚିତ୍ରକର ବିଜୟାନନ୍ଦ ବିଶ୍ୱାଳ, ଗଜେନ୍ଦ୍ର ସାହୁ ଓ ଛତ୍ରପତି ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଦେବକାନ୍ତ ମହାନ୍ତି ଓ ଲଳିତ ମିଶ୍ର ଉପସ୍ଥିତ ଥିଲେ। ପିଲାଙ୍କ ପାଇଁ ଆର୍ଟ ଥିମ୍ 'ସବୁଜ ଉତ୍କଳ-ପ୍ରକୃତି ସହିତ ସୁଖଦ ମୁହୂର୍ତ୍ତ' ଏବଂ 'ଗ୍ରାମ୍ୟ ସଂସ୍କୃତି-ପର୍ବପର୍ବାଣି', 'ଆମ ପରିବେଶ, ଆମ ପର୍ଯ୍ୟଟନ' ଓ ଦିବ୍ୟାଙ୍ଗଙ୍କ ପାଇଁ 'ବନ୍ୟପ୍ରାଣୀ ସଂରକ୍ଷଣ' ଥିମ୍ ରହିଥିଲା।

## ଡିଏଡିଏ ପକ୍ଷରୁ 'ମାଟିର ମହୋତ୍ସବ -୨୦୨୬'



ଭୁବନେଶ୍ୱର, ୪।୧ (ସମିସ): ଢେଙ୍କାନାଳ-ଅନୁଗୋଳ ଡେଭଲପମେଣ୍ଟ ଆସୋସିଏସନ୍ ବା ଡିଏଡିଏ ତରଫରୁ ରବିବାର ସ୍ଥାନୀୟ ରବୀନ୍ଦ୍ର ମଣ୍ଡପଠାରେ ତା'ର ପ୍ରଥମ ଉତ୍ସବ 'ମାଟିର ମହୋତ୍ସବ ୨୦୨୬' ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମ ହୋଇଥିଲାରେ ଢେଙ୍କାନାଳ-ଅନୁଗୋଳ, ତାଳଚେର ଅଞ୍ଚଳରୁ ପ୍ରାୟ ୫ ଶହ ଲୋକଙ୍କର ସମାଗମ ହୋଇଥିଲା। ଏହି ଉତ୍ସବରେ ଢେଙ୍କାନାଳ 'ବରା' ମୁଖ୍ୟ ଆକର୍ଷଣ ସାଜିଥିଲା। ଅବିଭକ୍ତ ଢେଙ୍କାନାଳ ଜିଲ୍ଲାର ଭାଇଚାରାକୁ ସୁଦୃଢ଼ ରଖିବାକୁ ଏହି ଅନୁଷ୍ଠାନର ପ୍ରୟାସ ଜାରି ରହିବ ବୋଲି ଅନୁଷ୍ଠାନର ସଭାପତି ଡ. କୃଷ୍ଣଚନ୍ଦ୍ର ଆଇଚ୍ କହିଥିଲେ। ଜିଲ୍ଲାର ବାଜି ରାଉତ, ବ୍ରଜନାଥ ବଡ଼ଜେନା, ସାରଙ୍ଗଧର ଦାସ, ବୀର ବୈଷ୍ଣବ ପଟ୍ଟନାୟକ, ରାଧାମୋହନ ଗଡ଼ନାୟକ, ମାଳତି ଚୌଧୁରୀ, ନନ୍ଦିନୀ ଶତପଥୀ ଆଦି ଅବିଭକ୍ତ ଜିଲ୍ଲାକୁ ଗଠନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହି ଅବସରରେ ପଦ୍ମଶ୍ରୀ ଡ. ଆଦିତ୍ୟ କୁମାର ମିଶ୍ର, ଅଦ୍ୱୈତ ଚରଣ ଗଡ଼ନାୟକ, ଡ. ଅନ୍ତର୍ଯ୍ୟାମୀ ମିଶ୍ର, ରମେଶ ଚନ୍ଦ୍ର ବାରିକ, ରତିକାନ୍ତ ଗଡ଼ନାୟକ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବାର୍ଷିକ ମୁଖପତ୍ର 'ସ୍ୱର୍ଣ୍ଣିମା' ଲୋକାର୍ପିତ ହୋଇଥିଲା। ଏହି ଉତ୍ସବରେ ଅନୁଷ୍ଠାନର ସଭାପତି ଡ. କୃଷ୍ଣଚନ୍ଦ୍ର ଆଇଚ, ଅଧ୍ୟକ୍ଷ ତଥା ସ୍ୱର୍ଣ୍ଣ ହସ୍ପିଟାଲର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଡା. ପ୍ରିୟବ୍ରତ ଧୀର, ସାଧାରଣ ସମ୍ପାଦକ କିଶୋର ଚନ୍ଦ୍ର ମିଶ୍ର, ଉପ ସାଧାରଣ ସମ୍ପାଦକ ଅମ୍ବୁଜ କୁମାର ଶତପଥୀ, କାର୍ଯ୍ୟକାରୀ ସଭାପତି ଧନେଶ୍ୱର ସାହୁ, କୋଷାଧ୍ୟକ୍ଷ ସର୍ବେଶ୍ୱର ବରାଳ ପ୍ରମୁଖ ଉପସ୍ଥିତ ଥିଲେ।

## 'ଆମ ହୃଦୟର ଗୀତ' କାର୍ଯ୍ୟକ୍ରମ

ଭୁବନେଶ୍ୱର,୪ ।୧(ସମିସ): ରିହା ଫାଉଣ୍ଡେସନ୍ ଓ ଆମ ପରିବାର ପକ୍ଷରୁ ରବିବାର ସ୍ଥାନୀୟ ଓଡ଼ିଶୀ ଗବେଷଣା କେନ୍ଦ୍ର ଠାରେ 'ଆମ ହୃଦୟର ଗୀତ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବହୁ ଲୋକପ୍ରିୟ ଓଡ଼ିଆ ଓ ହିନ୍ଦୀ ଗୀତ ପରିବେଷଣ କରାଯାଇଥିଲା। 'ମଣିମା ଶୁଣିବା ହେଉ ଗରିବ ଡାକ' ଜଣାଣରୁ ଆରମ୍ଭ ହୋଇଥିଲା କାର୍ଯ୍ୟକ୍ରମ। ପରେ ଦିପ୍ତୀ, ଅଲିଶା, ସ୍ୱପ୍ନା, ଶୁଭଶ୍ରୀ, ପୂଜା, ରଶ୍ମୀ, ଶଶାଙ୍କ, ଉମେଶ ପ୍ରମୁଖ କଣ୍ଠଶିଳ୍ପୀ ନୟନୋ ମେ ବଦରା ଛାଏ, ପତାପତା, ବାବୁଲ ପ୍ୟାରେ, ବୋଉଲୋ ହେବି ନାହିଁ ବାହା, ଏମିତି ପୁଅକୁ ମୁଁ ବାହା ହୁଅନ୍ତି ଆଦି ସଙ୍ଗୀତ ପରିବେଷଣ କରିଥିଲେ। ଯାହାକି ଉପସ୍ଥିତ ଶ୍ରୋତାଙ୍କୁ ମନ୍ତ୍ରମୁଗଧ କରିଥିଲା। ଶିଶୁ କଳାକାର ଶନୟା, ଶାଶ୍ୱତ, ଦିଶୀତା ଯଶୋମତି ମୟା ସେ, ଆଜ ସେ ତେରି, ଦିଲ ଦିୱାନା ଭଳି ସୁମଧୁର ଗୀତରେ ଶ୍ରୋତାଙ୍କୁ ବାନ୍ଧି ରଖିଥିଲେ। ଏହି ଅବସରରେ ଶବର ସାହି ବସ୍ତି ବାସିନ୍ଦାଙ୍କୁ ନୂତନ ଶାଢ଼ି, ଶୀତବସ୍ତ୍ର, ସ୍କୁଲ ବ୍ୟାଗ ଆଦି ବଣ୍ଟନ କରାଯାଇଥିଲା। ସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ଅଜୟ ନାଏକ, ସୌମ୍ୟ ରଞ୍ଜନ ରାଉତ, ଭୂପୁତ୍ର ପଣ୍ଡା, ଲୋରା ମହାପାତ୍ର, ଅର୍ଜୁନ ମେକାପ, ସନ୍ତୋଷିନୀ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ରିହାର ନିର୍ଦ୍ଦେଶିକା ଜୟଶ୍ରୀ ଗଉଡ଼ ଧନ୍ୟବାଦ ଅର୍ପଣ କରିଥିଲେ।

## ୯ରୁ କିମ୍‌ସରେ ଏଏପିଆଇ ଗ୍ଲୋବାଲ୍ ହେଲଥ୍‌କେୟାର୍ ସମିଟ୍




ଭୁବନେଶ୍ୱର,୪।୧(ସମିସ): ଆମେରିକାନ ଆସୋସିଏସନ୍ ଅଫ୍ ଇଣ୍ଡିଆନ ଅରିଜିନ ବା ଏଏପିଆଇ ପକ୍ଷରୁ କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ (କିମସ) ରେ ଗ୍ଲୋବାଲ୍ ହେଲଥ୍‌କେୟାର୍ ସମିଟ୍-୨୦୨୬ ଆୟୋଜିତ ହେଉଛି। ଜାନୁଆରୀ ୯ରୁ ୧୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ସମ୍ମିଳନୀରେ ଭାରତ ଓ ଆମେରିକାର ବହୁ ପ୍ରଖ୍ୟାତ ଡାକ୍ତର, ଗବେଷକ, ସ୍ୱାସ୍ଥ୍ୟ ବିଶେଷଜ୍ଞ, ନବସର୍ଜନାକାରୀ ଏକତ୍ରିତ ହେବେ। ଏ ନେଇ ଏଏପିଆଇ ଗ୍ଲୋବାଲ୍ ହେଲଥ୍‌କେୟାର୍ ସମିଟ୍ ଅଧ୍ୟକ୍ଷ ତଥା ଏଏପିଆଇ ସଭାପତି ଡା. ଅମିତ ଚକ୍ରବର୍ତ୍ତୀ ଓ ଓଡ଼ିଶା ଫିଜିସିଆନ୍ସ ଅଫ୍ ଆମେରିକାର ସଭାପତି ଡା. ଅତଶ୍ରୁ ନାୟକ ରବିବାର ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ସୂଚନା ଦେଇଛନ୍ତି। ଏହି ସମ୍ମିଳନୀ ବିଶ୍ୱ ସ୍ୱାସ୍ଥ୍ୟକୁ ଆଗକୁ ବଢ଼ାଇବା, ଭାରତ-ଆମେରିକା ସ୍ୱାସ୍ଥ୍ୟସେବା ସହଯୋଗକୁ ସୁଦୃଢ଼ କରିବା ସହ ଡାକ୍ତରୀ ଶିକ୍ଷା, ଗବେଷଣା ଓ କ୍ଲିନିକାଲ୍ କେୟାରରେ ଉତ୍କର୍ଷତାକୁ ପ୍ରୋତ୍ସାହିତ କରିବା ପାଇଁ ଏଏପିଆଇର ନିରନ୍ତର ଅଭିଯାନ ଉପରେ ଗୁରୁତ୍ୱାରୋପ କରିବ। ବ୍ୟାପକ ଶୈକ୍ଷିକ କାର୍ଯ୍ୟସୂଚୀରେ ଅତ୍ୟାଧୁନିକ ନିରନ୍ତର ଚିକିତ୍ସା ଶିକ୍ଷା ଅଧିବେଶନ, କୃତ୍ରିମ ବୁଦ୍ଧିମତ୍ତା-ଚାଳିତ କ୍ଲିନିକାଲ୍ ଇନ୍‌ସାଇଟ୍, ଉନ୍ନତ ଶଲ୍ୟଚିକିତ୍ସା ପ୍ରଦର୍ଶନ, କର୍ମଶାଳା, ଜନସ୍ୱାସ୍ଥ୍ୟ ପଦକ୍ଷେପ, ଡାକ୍ତରୀ ଛାତ୍ରଛାତ୍ରୀଙ୍କ ପାଇଁ ବିଶେଷ ଉପଯୋଗୀ ହେବ। ଏଥିରେ ଅତ୍ୟାଧୁନିକ ରୋବୋଟିକ୍ ସର୍ଜରୀ ଉପସ୍ଥାପନା, ବିଶ୍ୱ ଚିକିତ୍ସା ଅଭ୍ୟାସରେ କୃତ୍ରିମ ବୁଦ୍ଧିମତ୍ତାର ଭୂମିକା ଉପରେ ଏକ ଅଧିବେଶନ ଏବଂ ଏକ କର୍ମଶାଳା ଆୟୋଜିତ ହେବ। ଏହି ସମ୍ମିଳନୀରେ 'ସ୍ୱାସ୍ଥ୍ୟସେବାରେ ମହିଳା: ଚ୍ୟାଲେଞ୍ଜ' ଉପରେ ଏକ ସ୍ୱତନ୍ତ୍ର ସିଏମଇ ମଧ୍ୟ ଆୟୋଜିତ ହେବ।

## ସବୁଜ ଓ ସୁରକ୍ଷିତ ପରିବେଶ ସୃଷ୍ଟି ଆମ ଦାୟିତ୍ୱ

### ପୁରାତନ ଛାତ୍ରଛାତ୍ରୀଙ୍କ ଦ୍ୱାରା ସଚେତନତା କାର୍ଯ୍ୟକ୍ରମ



ଭୁବନେଶ୍ୱର,୪ ।୧(ସମିସ): କଳାହାଣ୍ଡି ସରକାରୀ ଇଞ୍ଜିନିୟରିଂ କଲେଜର ପୁରାତନ ଛାତ୍ରଛାତ୍ରୀଙ୍କ ଦ୍ୱାରା ନୂଆବର୍ଷ ଉପଲକ୍ଷେ ସ୍ଥାନୀୟ ଜୟଦେବବାଟିକାରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବର୍ତ୍ତମାନ ସମୟରେ ଯେଉଁଭଳି ଭାବେ ପରିବେଶ ପ୍ରଦୂଷଣ ବୃଦ୍ଧି ପାଉଛି ତାହା ଅଗାମୀ ଦିନରେ ଏକ ପ୍ରମୁଖ ସମସ୍ୟା ହେବାକୁ ଯାଉଛି। ତେଣୁ ବର୍ତ୍ତମାନଠାରୁ ଏଥିପ୍ରତି ସଚେତନ ହେବା ସହ ଭବିଷ୍ୟତ ପିଢ଼ି ପାଇଁ ଏକ ସବୁଜ ଓ ସୁରକ୍ଷିତ ପରିବେଶ ସୃଷ୍ଟି କରିବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି କାର୍ଯ୍ୟକ୍ରମରେ ମତପ୍ରକାଶ ପାଇଛି। ଏଥିପାଇଁ ବୃକ୍ଷ ରୋପଣ କରିବା ସହ ବିବାହ ବାର୍ଷିକୀ, ଜନ୍ମଦିନ ଆଦି କାର୍ଯ୍ୟକ୍ରମରେ ଗଛଟିଏ ଉପହାର ଦେବା ସହ ସେଥିରେ ଏକ ସଚେତନତା ବାର୍ତ୍ତା ଲେଖାଥିବା କାର୍ଡ ପ୍ରଦାନ କରିବାକୁ ଆହ୍ୱାନ ଦିଆଯାଇଥିଲା। ଏଥିରେ ଅରୁଣାଂଶୁ ସେନାପତି, ଉମାଶଙ୍କର ପରିଡ଼ା, ସୌମ୍ୟରଞ୍ଜନ ମନ୍ଥନ ପ୍ରମୁଖ ୨୦ରୁ ଊର୍ଦ୍ଧ୍ୱ ଛାତ୍ର ଉପସ୍ଥିତ ଥିଲେ। ଶେଷରେ କଲେଜ ଜୀବନର ପୁରୁଣା ସ୍ମୃତି ରୋମନ୍ଥନ କରିଥିଲେ।

## 'ଚକ୍ରାନ୍ତ'ର ଟ୍ରେଲର୍ ଓ ଅଡିଓ ରିଲିଜ୍



ଭୁବନେଶ୍ୱର,୪ ।୧(ସମିସ): ଓଡ଼ିଆ ଚଳଚ୍ଚିତ୍ର 'ଚକ୍ରାନ୍ତ'ର ଟ୍ରେଲର ଓ ଓଡିଓ ରିଲିଜ୍ କାର୍ଯ୍ୟକ୍ରମ ଆଜି ଉତ୍କଳ କନିକା ଗ୍ୟାଲେରିଆ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅଭିନେତା ଶୁଭାଶିଷ ଶର୍ମା ଓ ଅଭିନେତ୍ରୀ ଭୂମିକା ଦାସ ଉପସ୍ଥିତ ଥିଲେ। ତେବେ ଏହି ଫିଲ୍ମରେ ପ୍ରଥମ ଥର ନାୟକ ଓ ନାୟିକା ଚରିତ୍ରରେ ଉଭୟ ସ୍କ୍ରିନ ଶେୟାର କରିବାକୁ ଯାଉଛନ୍ତି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଚଳଚ୍ଚିତ୍ରର ପ୍ରଯୋଜକ ସୌରଭ ପାଢ଼ୀ, ନିର୍ଦ୍ଦେଶକ ପିନୁ ନାୟକ, ଗୀତିକାର ନିର୍ମଳ ନାୟକ, ଅଭିନେତା ଚୌଧୁରୀ ଜୟପ୍ରକାଶ, ହରି ମହାପାତ୍ର, ସୌମ୍ୟା ସୁମନ, ଶୁଭମ୍, ଈଶ୍ୱର ପାଢ଼ୀ ପ୍ରମୁଖ କଳାକାରଙ୍କ ସମେତ କଣ୍ଠଶିଳ୍ପୀ ସ୍ୱୟମ୍, ସତ୍ୟଜିତ, ଅନ୍ତରା, ଶ୍ରୀଚରଣ ପ୍ରମୁଖ ଉପସ୍ଥିତ ଥିଲେ। ତେବେ ନିକଟରେ ଚଳଚ୍ଚିତ୍ରର ଚାରିଆଡ଼େ ତୋ ଛାଇ ସଙ୍ଗୀତ ରିଲିଜ୍ ହୋଇଥିଲା, ଯାହାକି ଦୁଇଦିନ ମଧ୍ୟରେ ବେଶ୍ ପ୍ରଶଂସା ସାଉଁଟିଛି। ଚଳଚ୍ଚିତ୍ରର କାହାଣୀ ସମେତ ଅନ୍ୟ ସମସ୍ତ ଗୀତଗୁଡ଼ିକ ମନଛୁଆଁ ହୋଇଥିବା ବେଳେ ଫିଲ୍ମଟିକୁ ଦର୍ଶକମାନେ ବେଶ୍ ପସନ୍ଦ କରିବେ ବୋଲି ଉଭୟ ନିର୍ଦ୍ଦେଶକ ଓ ପ୍ରୋଯୋଜକ ଆଶାବ୍ୟକ୍ତ କରିଛନ୍ତି। ଚଳଚ୍ଚିତ୍ରର ପ୍ରଚାର ପ୍ରସାର ଦାୟିତ୍ୱରେ ରହିଛନ୍ତି ସ୍ମିତ ପଟ୍ଟନାୟକ।

## ଆମେରିକା ଆକ୍ରମଣ ବିରୋଧରେ ଏସ୍‌ୟୁସିଆଇର ବିକ୍ଷୋଭ




ଭୁବନେଶ୍ୱର,୪।୧(ସମିସ): ଲାଟିନ୍ ଆମେରିକାର ଅନ୍ୟତମ ସର୍ବଭୌମ ସ୍ୱାଧୀନ ରାଷ୍ଟ୍ର ଭେନଜୁେଏଲା ଉପରେ ଗତକାଲି ଆମେରୀକା ଅତ୍ୟନ୍ତ ଅନ୍ୟାୟ ଭାବେ ଆକ୍ରମଣ କରି ତାର ରାଷ୍ଟ୍ରପତିଙ୍କୁ ବଳପୂର୍ବକ ନ୍ୟୁୟର୍କକୁ ଉଠାଇ ନେବା ବିରୋଧରେ ରବିବାର ଏସ୍.ୟୁ.ସି.ଆଇ (କମ୍ୟୁନିଷ୍ଟ) ପକ୍ଷରୁ ମଷ୍ଟରକ୍ୟାଣ୍ଟିନ ଛକଠାରେ ବିକ୍ଷୋଭ ପ୍ରଦର୍ଶନ ହୋଇଛି। ଭେନେଜୁଏଲା ଆମେରୀକାର ଏହି ଦାଦାଗିରି ନିକଟରେ ଆତ୍ମ ସମର୍ପଣ ନକରିବାରୁ ତା'ର ଏହି ଅବସ୍ଥା ହୋଇଛି। ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ରାଜ୍ୟ ସମ୍ପାଦକ ଶଙ୍କର ଦାସଗୁପ୍ତଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭରେ ବିଷ୍ଣୁ ଦାସ, ସଦାଶିବ ଦାସ, ଶମ୍ଭୁନାଥ ନାଏକ, ବିଶ୍ୱାବଶୁ ଦାସ, ଛବି ମହାନ୍ତି, ସ୍ୱର୍ଣ୍ଣପ୍ରଭା ନାଏକ ପ୍ରମୁଖ ବିକ୍ଷୋଭକାରୀଙ୍କୁ ଉଦ୍‌ବୋଧନ ଦେଇ ଆମେରିକାର ଏହି ଆନ୍ତର୍ଜାତିକ ଦାଦାଗିରିର ତୀବ୍ର ନିନ୍ଦା କରିଛନ୍ତି।

## ତ୍ରିନାଥ ଠାକୁରଙ୍କର ମେଳା ଉତ୍ସବ

ଭୁବନେଶ୍ୱର,୪।୧(ସମିସ): ରାଜଧାନୀ ଉପକଣ୍ଠ ଭଗବାନପୁରରେ ତ୍ରିନାଥ ଠାକୁରଙ୍କର ୨୫ ତମ ମେଳା ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ ଗ୍ରାମବାସୀଙ୍କର ପୂର୍ଣ୍ଣ ସହଯୋଗରେ ଦୁଇ ଗାୟିକା ରିନା ବେହେରା ଓ ରଶ୍ମିତା ସାହୁ ଭଜନ ପରିବେଷଣ କରିଥିଲେ। ଏହି ଭଜନ ପରିବେଷଣ ଦେଖିବା ପାଇଁ ଆଖପାଖରୁ ଅନେକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଗ୍ରାମର ବିଜୟ କୁମାର ପରମଗୁରୁ ସହଯୋଗ କରିଥିଲେ।



## ଡାକ୍ତର ଶଙ୍କର ରାମଚନ୍ଦାନିଙ୍କୁ ମିଳିବ 'ଦିବ୍ୟାଲୋକ ସନ୍ଧାନେ' ର ସର୍ବୋଚ୍ଚ ସମ୍ମାନ

ଭୁବନେଶ୍ୱର,୪ ।୧(ସମିସ): ଆଧ୍ୟାତ୍ମିକ ପତ୍ରିକା 'ଦିବ୍ୟାଲୋକ ସନ୍ଧାନେ'ର ୨୫ ତମ ବାର୍ଷିକ ରାଜ୍ୟସ୍ତରୀୟ ମହାସତସଙ୍ଗ ଏବଂ 'ନବରତ୍ନ' ପ୍ରଦାନ ଉତ୍ସବ ଆସନ୍ତା ୧୧ ତାରିଖରେ



ଫୁଲନଖରା ଅନନ୍ତପୁରସ୍ଥିତ "ବିଶ୍ୱଶାନ୍ତି ସରୋବର' ପରିସରରେ ଅନୁଷ୍ଠିତ ହେବ। ଏହି ଅବସରରେ ଡାକ୍ତର ଶଙ୍କର ରାମଚନ୍ଦାନିଙ୍କୁ ଚଳିତବର୍ଷର 'ଦିବ୍ୟାଲୋକ ସନ୍ଧାନେ ରତ୍ନ ସମ୍ମାନ-୨୦୨୬' ପ୍ରଦାନ କରାଯିବ। ଏ ନେଇ ପତ୍ରିକାର ମୁଖ୍ୟ ସମ୍ପାଦକ ଡ. ଶରତ କୁମାର ରଥ ଜଣାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଧୃତିକାମ ମହାନ୍ତିଙ୍କୁ' ସାମ୍ବାଦିକ ରତ୍ନ', କୋଣାର୍କର ପାଲା ଗାୟକ ଲକ୍ଷ୍ମୀଧର ଦାଶଙ୍କୁ 'ଗାୟକ ରତ୍ନ', ଗୋପାଳ ରାଜଗୁରୁଙ୍କୁ 'ପ୍ରବକ୍ତା ରତ୍ନ', ଶିକ୍ଷାବିତ ତ୍ରିଦିବି ବେହେରାଙ୍କୁ 'ଶିକ୍ଷା ରତ୍ନ', ପଣ୍ଡିତ ଗୌରାଙ୍ଗ ଚରଣ ପତି, ଜଗତସିଂହପୁରଙ୍କୁ ' କର୍ମକାଣ୍ଡବିତ ରତ୍ନ', ବିଷ୍ଣୁପ୍ରିୟା ଚାରିଟେବୁଲ ଟ୍ରଷ୍ଟ, କଟକଙ୍କୁ ସମାଜସେବୀ ରତ୍ନ', କଟକ କମିଶନରେଟ ପୁଲିସ ଜୋନ ୫ ଏସିପି କୃଷ୍ଣଚନ୍ଦ୍ର ସେଠୀଙ୍କୁ 'ପୁଲିସ ସେବା ରତ୍ନ' ପ୍ରଦାନ କରାଯିବ ବୋଲି ପତ୍ରିକାର ସମ୍ପାଦକ ଶ୍ରୀସନ୍ନ୍ୟାସୀ ସୂଚନା ଦେଇଛନ୍ତି।

# ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୪ ।୧(ସମିସ): ଓଡ଼ିଶାର ସଂସ୍କୃତି, ସାହିତ୍ୟ ଓ ଭାଷା ହେଉଛି ଆମର ଗର୍ବ ଓ ପରିଚୟ। ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ୨୭ତମ ପ୍ରତିଷ୍ଠା ଦିବସ ଉଦ୍‌ଘାଟନୀ ସମାରୋହରେ ଓଡ଼ିଶାର ମହାଧିବକ୍ତା ପୀତାମ୍ବର ଆଚାର୍ଯ୍ୟ ମତବ୍ୟକ୍ତ କରିଛନ୍ତି। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟବକ୍ତାଭାବେ ଯୋଗଦେଇ ଶ୍ରୀ ଆଚାର୍ଯ୍ୟ ଓଡ଼ିଆ ଭାଷା ଓ ସାହିତ୍ୟର ବିକାଶ ନିମନ୍ତେ ଯୁବପିଢ଼ି ସଚେତନ ହେଲେ ଆମର ସଂସ୍କୃତି ଅଧିକ ଋଦ୍ଧିମନ୍ତ ହୋଇପାରିବ ବୋଲି ସେ କହିଥିଲେ। ବରିଷ୍ଠ ଭାଷାତତ୍ତ୍ୱବିତ୍ ପଦ୍ମଶ୍ରୀ ପ୍ରଫେସର ଦେବୀପ୍ରସନ୍ନ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆମ ସଂସ୍କୃତିର ପ୍ରଚାର ଓ ପ୍ରସାର ନିମନ୍ତେ ବିଶ୍ୱବିଦ୍ୟାଳୟର ଭୂମିକା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ।

କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ସଭାପତିତ୍ୱ ଅଭିଭାଷଣରେ ବିଶ୍ୱବିଦ୍ୟାଳୟର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ବନ୍ଦିତା ଦାଶ, ଲୋକସେବକ ମଣ୍ଡଳର ସମ୍ପାଦକ ତଥା 'ସମାଜ'ର ପ୍ରକାଶକ ଓ ମୁଦ୍ରାକର ରାଜେନ୍ଦ୍ର କୁମାର ଜେନା, କୁଳସଚିବ ଅନାମିକା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ରାଜ୍ୟ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଗୁରୁ ବିଜୟ କୁମାର ବାରିକ,ଗୁରୁ କରୁଣାକର ନାୟକ, ଗୁରୁ ଡ. ଜବାହର ମିଶ୍ର, ଗୁରୁ ବିଘ୍ନରାଜ ଧଡା, ଗୁରୁ ବିରଞ୍ଚି ମହନ୍ତ ଓ ନାଟ୍ୟକାର ଦେବବ୍ରତ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାସହ ବିଶ୍ୱବିଦ୍ୟାଳୟର ସମ୍ବାଦ ପୁସ୍ତିକା 'ସଂସ୍କୃତି' ଓ 'ଷ୍ଟୁଡେଣ୍ଟସ୍ କ୍ୟାଲେଣ୍ଡର'କୁ ଅତିଥିମାନେ ଲୋକାର୍ପିତ କରିବା ସହ ଦୃଶ୍ୟକଳା ବିଭାଗର ଚିତ୍ର ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମକୁ ଡ. ଜ୍ଞାନ ରଞ୍ଜନ ପଣ୍ଡା ସଂଯୋଜନା କରିଥିବା ବେଳେ ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



